**ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ଜିଲ୍ଲା-ବଲାଙ୍ଗିର**

**ବିଜ୍ଞାପନ ସଂଖ୍ୟା.** ୫୩୪ **ତା.** ୧୫-୦୫-୨୦୨୦

**ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ**

## ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ କୁ ଆସନ୍ତା 5 (ପାଞ୍ଚ) ବର୍ଷ ଅର୍ଥାତ (**From the year 2020-21 to 2024-25)** ଆର୍ଥିକ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ବଙ୍ଗୋମୁଣ୍ଡାଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ **OMMC Rules** 2016 **Form-M** ରେ ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ରେ ଆବେଦନ କରିବେ , ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 05.06.2020 ଅପରାହ୍ନ 1.00 ଟା ସୁଦ୍ଧା (ଛୁଟି ଦିନ ବ୍ୟତିତ) ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ କିମ୍ବା **Drop Box** ରେ ଦାଖଲ କରିବେ । ଲଫାପା ଉପରେ ଆବେଦନ କରିଥିବା ଖଣିର ନାମ ଲେଖାଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା ଭାରପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ବଲାଙ୍ଗିରଙ୍କର ରହିଛି । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକ ତା.09.06.2020 ରିଖ ପୂର୍ବାହ୍ନ ଘ 9.00 ଘଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟକରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଦରଖାସ୍ତରେ ଲଘୁଖଣିଜ ଦ୍ରବ୍ୟର ସରକାରଙ୍କ ଦର ଧାର୍ଯ୍ୟ ରୟଲଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ୍ କରାଯିବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟଲଟି ମୂଲ୍ୟ ଦର୍ଶାଇ ଥିବା ଦରଖାସ୍ତ କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଖଣି ନିମନ୍ତେ ସମାନ ରୟଲଟି ମୂଲ୍ୟ ଦର୍ଶାଇ ଥିଲେ ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସମ୍ବନ୍ଧିୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **website.http://balangir.nic.in** ରେ କିମ୍ବା ତହସିଲଦାର ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରୁ ଜାଣିପାରିବେ ।

(Signature) 15/05/2020

**ତହସିଲଦାର, ବଙ୍ଗୋମୁଣ୍ଡା**

**ଜ୍ଞାପକ ସଂଖ୍ୟା:** ୫୩୫ **ତାରିଖ:** ୧୫-୦୫-୨୦୨୦,

**ଏହାର ଏକକିତା ନକଲ ସଂପାଦକ, ଦୈନିକ ଓଡିଆ ଖବର କାଗଜ ସମାଜ/ସମ୍ବାଦ, ସମ୍ବଲପୁରଙ୍କ ନିକଟକୁ ଗୋଟିଏ ଦିନ ପାଇଁ ଉପରୋକ୍ତ ବିଜ୍ଞାପନର ପ୍ରକାଶନ ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।**

(Signature) 15/05/2020

**ତହସିଲଦାର, ବଙ୍ଗୋମୁଣ୍ଡା**

Scanned with CamScanner

# ନିଲାମ ଦେଉଥିବା ସୈରାତ ଉତ୍ସଗୁଡ଼ିକର ତାଲିକା

| କ୍ର. ସଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | ସୈରାତ ର ପ୍ରକାର | ବାର୍ଷିକ ସର୍ବନିମ୍ନ ବାଲି ବା ପଥର ଉଠାଇବା ର ପରିମାଣ |
|---|---|---|---|---|---|---|---|
| 1 | ସାନମୁଲା ବାଲି ଶଯ୍ୟା | ସାନମୁଲା | 124 | 696 | 12.355 | ବାଲି | 1200 Cum |
| 2 | ଅଶୁର୍ଲା ବାଲି ଶଯ୍ୟା | ଅସୁର୍ଲା | 131 | 242, 243 | 12.355 | ବାଲି | 1500 Cum |
| 3 | ଶ୍ରୀରାମ ବାଲି ଶଯ୍ୟା | ଶ୍ରୀରାମ | 135 | 148 | 12.355 | ବାଲି | 1500 Cum |
| 4 | ଭୁଷଲାଡ ବାଲି ଶଯ୍ୟା | ଭୁଷଲାଡ | 132 | 1 | 12.355 | ବାଲି | 1500 Cum |
| 5 | ପଲଶଖଣ୍ଡ ବାଲି ଶଯ୍ୟା | ପଲଶଖଣ୍ଡ | 85 | 1, 249 | 12.355 | ବାଲି | 1500 Cum |
| 6 | ସାନଗମଡା ପଥର ଖୋଦାନ (ଗ) | ସାନଗମଡା | 96 | 3 | 3.00 | ପଥର | 2000 Cum |
| 7 | ଭିର୍କାପଡା ପଥର ଖୋଦାନ | ଭିର୍କାପଡା | 83 | 127 | 0.47 | ପଥର | 400 Cum |
| 8 | ପାତାଲପଡା ପଥର ଖୋଦାନ | ପାତାଲପଡା | 48 | 140 | 1.05 | ପଥର | 800 Cum |

[signature] /2020.

ତହସିଲଦାର,ବଙ୍ଗୋମୁଣ୍ଡା

Scanned with CamScanner

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ କାଗଜାତ

୧. ଦରଖାସ୍ତ ଫି ସବାଶେ ଟ. ୧୦୦୦.୦୦ ଙ୍କା ଟ୍ରେଜେରି ଚାଲାନ । (Head of Account – 0853-Non Ferrous Mining and Metallurgical Industries-102-Mineral Consession Fees, Rents and Royalties)

୨. ଦରଖାସ୍ତ ନିମନ୍ତେ ସୈରାତ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ।

୪. ଆବେଦନକାରୀ ସଲଭେନ୍ସି (Solvency) ପ୍ରମାଣ ପତ୍ର ପରିବର୍ତ୍ତେ ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ) ର ରୟାଲଟି ର ପରିମାଣର ସମାନ ଅର୍ଥର ବ୍ୟାଙ୍କ ଗ୍ୟାରେଣ୍ଟି Tahasildar,Bangomunda ଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେସଙ୍ଗେ ଚଳିତ ବର୍ଷର IT Return ଦାଖଲ କରିବେ ।

୫. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୁହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ।

୬. ଆବେଦନକାରୀ ସ୍ତମ୍ଭ 12 ରେ ଦିଆଯାଇଥିବା ଅମାନତ ରାଶି (EMD) ର ଅର୍ଥ କୁ Demand Draft ଆକାରରେ ତହସିଲଦାର ବଙ୍ଗୋମୁଣ୍ଡା ଙ୍କ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୭. ଚଳିତ ବର୍ଷର GST Clearance Certificate ର ନକଲ ସଂଲଗ୍ନ ଥିବା ଆବଶ୍ୟକ ।

## ସର୍ତ୍ତାବଳୀ

୧. ଦରଖାସ୍ତକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ–2017 ର ପରିସର ଭୁକ୍ତ ରହିବେ ।

୨. ଲିଜ୍‌ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ, ଲିଜ୍ ପାଇଁ ଦରଖାସ୍ତ ପୂର୍ବରୁ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।

୩. ଲିଜ୍ ନେବା ପରେ ସଇରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲା ପରେ ସ୍ଥିର କରାଯିବ ।

୫. ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇ ଥିବା ଅମାନତ ରାଶି (**EMD**)କୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଥିବା ଧାର୍ଯ୍ୟ ସମୟସିମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ ।

୬. ମାଇନିଙ୍ଗ ପ୍ଲାନ ଟି **Form-ZB** ରେ ମାଇନିଙ୍ଗ ଅଧିକାରୀ, ବଲାଙ୍ଗିରଙ୍କ ନିକଟରୁ ଅନୁମୋଦିତ ହେବା ଆବଶ୍ୟକ ତଥା ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ୧୫୩୩ ତା.୧୪.୦୯.୨୦୦୬ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପରିବେଶ ମଞ୍ଜୁରୀ ଅନୁମୋଦିତ ହୋଇଥିବା ବିଧେୟ ।

୭. ପରିବେଶ ସମ୍ବନ୍ଧୀୟ ଅନୁମତୀ ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ହାସଲ କରିବେ ।

୮. ପ୍ରାଧୀକୃତ ଅଧିକାରୀ ମାଇନିଙ୍ଗ ପ୍ଲାନରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦରଖାସ୍ତରେ ଦର୍ଶାଯାଇଥିବା ରୟାଲିଟିର ମୂଲ୍ୟକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଲିଜ୍‌ଧାରୀଙ୍କୁ ଏକକାଳୀନ ପଇଠ କରିବାକୁ ପଡିବ । ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜ୍‌ଧାରୀ ୭ (ସାତ ଦିନ ମଧ୍ୟରେ ଓଡିଶା ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିନାମା (**Agreement**)ନିଜ ଖର୍ଚ୍ଚରେ ସଂପାଦନ କରିବେ ।

୯. ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀ ଲିଜ୍ ନନେଲେ କିମ୍ବା ସର୍ତ୍ତାବଳୀ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତି ସର୍ବାଧିକ ରୟାଲିଟି ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

Scanned with CamScanner

୧୦. ଦରଖାସ୍ତକାରୀ ବା ଲିଜ୍‌ଧାରୀ, ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୫ (ପାଞ୍ଚ) ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବାକୁ ପଡିବ ।

୧୧. ଉପରୋକ୍ତ ନିୟମ ଧାରା–୨୮ ଅନୁଯାୟୀ ଲିଜ୍‌ଧାରୀକୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା **Dead Rent, Compensatory Afforestation** ନିମନ୍ତେ ଫି ଏବଂ **Surface Rent** ଦାଖଲ କରିବାକୁ ପଡିବ ।

୧୨. ଲିଜ୍‌ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି/ **Dead Rent** ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡିବ ।

୧୩. ଲିଜ୍‌ଧାରୀ ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୨ (ଦୁଇ) ଭାଗ ଅର୍ଥ ଆୟକର ବାବଦକୁ ଜମା କରିବେ ।

୧୪. ବାଲି ନିଲାମଧାରୀ ନଦୀ ଶଯ୍ୟାରେ ୩ (ତିନି) ମିଟର, ଜଳସ୍ତର ର ନିମ୍ନକୁ କିମ୍ବା ଉକ୍ତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମକରି ବାଲି ଉତ୍ତୋଳନ କରିପାରିବେ ନାହିଁ ।

୧୫. ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟି ବାବଦ ଜମା ରାଶିକୁ ବାଜ୍ୟାପ୍ତି କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୬. ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସାକ୍ଷରକାରୀଙ୍କର ରହିଛି ।

ନିଲାମ ସ୍ଥାନ- ତହସିଲ କାର୍ଯ୍ୟାଳୟ,ବଙ୍ଗୋମୁଣ୍ଡା

ଧାର୍ଯ୍ୟ ତାରିଖ – 09.06.2020

ପୂର୍ବାହ୍ନ- 9 ଘଣ୍ଟା

ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣା ଯିବନାହିଁ ।

15/05/2020
ତହସିଲଦାର,ବଙ୍ଗୋମୁଣ୍ଡା

ସ୍ମାରକ ସଂଖ୍ୟା 536 ତାରିଖ 15.05.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ଟିଟିଲାଗଡ/ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ, ବଙ୍ଗୋମୁଣ୍ଡା /ରାଜସ୍ୱ ନିରୀକ୍ଷକ, ବଙ୍ଗୋମୁଣ୍ଡା /ଚୁଲିଫୁଙ୍କା/ଭାଲୁମୁଣ୍ଡା/ଝରିଆଲ/ସିନ୍ଧେକେଲା/ଗନ୍ଧର୍ଲା ସମ୍ପୃକ୍ତ ଗ୍ରାମ/ଗ୍ରାମ ପଂଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

15/05/2020
ତହସିଲଦାର,ବଙ୍ଗୋମୁଣ୍ଡା

ସ୍ମାରକ ସଂଖ୍ୟା 537 ତାରିଖ 15.05.2020

ଏହାର ଏକକିତା ନକଲ **District Informatics Officer, NIC, Balangir** ଙ୍କୁ **http://balangir.nic.in** ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

15/05/2020
ତହସିଲଦାର,ବଙ୍ଗୋମୁଣ୍ଡା

Scanned with CamScanner

# ସୈରାତ ର ବିବରଣୀ-ବଙ୍ଗୋମୁଣ୍ଡା ତହସିଲ ଆର୍ଥିକ ବର୍ଷ 2020-21 ଠାରୁ 2024-25 ପର୍ଯ୍ୟନ୍ତ

| କ୍ର. ନଂ | କେସ ନଂ | ଲଘୁ ଖଣିଜ ର ଉତ୍ସ ର ନାମ | ମୌଜା | ଖାତା | ପ୍ଲଟ | ରକବା | ସର୍ବନିମ୍ନ ମୂଲ୍ୟ ( per Cum) | ଅତିରିକ୍ତ ମୂଲ୍ୟ (Additional Charge per Cum) | ମୋଟ ଧାର୍ଯ୍ୟ ମୂଲ୍ୟ ( per Cum) | ସର୍ବନିମ୍ନ ଗେରେଣ୍ଟେଡ ପରିମାଣ | ଅମାନତ ରାଶି (EMD) | ବ୍ୟାଙ୍କ ଗ୍ୟାରେଣ୍ଟି ଓ IT Return ଆବଶ୍ୟକ |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | 4/2020 | ସାନମୁଲା ବାଲି ଶଯ୍ୟା | ସାନମୁଲା | 124 | 696 | 12.355 | 40.00 | 42.00 | 82.00 | 1200 Cum | 7600/- | 151260/- |
| 2 | 5/2020 | ଅଶୁର୍ଲା ବାଲି ଶଯ୍ୟା | ଅସୁର୍ଲା | 131 | 242, 243 | 12.355 | 40.00 | 42.00 | 82.00 | 1500 Cum | 8800/- | 175860/- |
| 3 | 6/2020 | ଶ୍ରୀରାମ ବାଲି ଶଯ୍ୟା | ଶ୍ରୀରାମ | 135 | 148 | 12.355 | 40.00 | 42.00 | 82.00 | 1500 Cum | 8800/- | 175860/- |
| 4 | 7/2020 | ଭୁଷଲାଡ ବାଲି ଶଯ୍ୟା | ଭୁଷଲାଡ | 132 | 1 | 12.355 | 40.00 | 42.00 | 82.00 | 1500 Cum | 8800/- | 175860/- |
| 5 | 8/2020 | ପଲଶଖଣ୍ଡ ବାଲି ଶଯ୍ୟା | ପଲଶଖଣ୍ଡ | 85 | 1, 249 | 12.355 | 40.00 | 42.00 | 82.00 | 1500 Cum | 8800/ | 175860/- |
| 6 | 9/2020 | ସାନଗମଡା ପଥର ଖୋଦାନ (ଗ) | ସାନଗମଡା | 96 | 3 | 3.00 | 135.00 | 140.00 | 275.00 | 2000 Cum | 30000/- | 586360/- |
| 7 | 10/2020 | ଭିର୍କାପଡା ପଥର ଖୋଦାନ | ଭିର୍କାପଡା | 83 | 127 | 0.47 | 135.00 | 140.00 | 275.00 | 400 Cum | 6500/- | 128360/- |
| 8 | 11/2020 | ପାତାଲପଡା ପଥର ଖୋଦାନ | ପାତାଲପଡା | 48 | 140 | 1.05 | 135.00 | 140.00 | 275.00 | 800 Cum | 12000/- | 238360/- |

(signature) 05/2020

ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner